## ୩ ଆକ୍ରାନ୍ତ, ୪ ସୁସ୍ଥ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ପୁଣି ୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୧, ପରଜଙ୍ଗ ବ୍ଲକରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୦ ହଜାର ୬୪ରେ ପହଞ୍ଚିଛି। ସେହିପରି ଦିନକରେ ୪ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ୨୯ ସକ୍ରିୟ ରୋଗୀ ଚିକିତ୍ସାଧୀନ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଅଭିଯୋଗ

ଢେଙ୍କାନାଳ ଅଫିସ, ୭।୧-ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଗ୍ରାମର ଏକ ଘରୁ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ଜବତ କରିଛି। ମୃତା ହେଲେ ବିହାର ସମସ୍ତିପୁର ଅଞ୍ଚଳର ରାମକୁମାର ଚୌଧୁରୀଙ୍କ ସ୍ତ୍ରୀ ଅମ୍ରିତ ଦେବୀ। ତେବେ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ଭାଇ ତଥା ତାଳଚେର ଅଞ୍ଚଳରେ ରହୁଥିବା ବରଜୁ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୩/୨୨, ଦଫା ୩୦୨, ୩୦୪ (ବି), ୪୯୮(ଏ), ୪ ଡିପି ଆକ୍ଟରେ ମାମଲା ରୁଜୁ କରାଯାଇଛି। ପୋଲିସ ରାମକୁମାରଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ରାମକୁମାର ସ୍ତ୍ରୀ ଅମ୍ରିତ୍ ଦେବୀ ଏବଂ ୨ ପୁଅଙ୍କ ସହ ପଣ୍ଡୁଆ ଛକରେ ରହି ଗୁପ୍‌ଚୁପ୍ ବ୍ୟବସାୟ କରୁଥିଲେ। ତେବେ କୌଣସି କାରଣକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ରାମକୁମାର ମଦ୍ୟପାନ କରି ଅମ୍ରିତଙ୍କୁ ମାରପିଟ କରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ଏକ ଲକ୍ଷ ଟଙ୍କା ଜରିମାନା

ଆଠମଲ୍ଲିକ,୭।୧(ଡି.ଏନ.ଏ.)- ଆଠମଲ୍ଲିକ-ଧଳପୁର ସେତୁ କାର୍ଯ୍ୟରେ ବ୍ୟବହାର ପାଇଁ ବେଆଇନ ଭାବେ ମାଟି ଉତ୍ତୋଳନ ଓ ପରିବହନ କରୁଥିବା ମେଶିନ ଏବଂ ୩ଟି ହାଇୱାକୁ ତହସିଲ ପକ୍ଷରୁ ଗୁରୁବାର ଜବତ କରାଯାଇଛି। ଠିକା ନେଇଥିବା ଘରୋଇ ସଂସ୍ଥା ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ଜଣେ ବ୍ୟକ୍ତିଙ୍କ ଜମିରୁ ମାଟି ଉତ୍ତୋଳନ କରୁଥିବା ଅଭିଯୋଗ ପାଇ ସଦର ରାଜସ୍ୱ ନିରୀକ୍ଷକ ଚଢ଼ାଉ କରିଥିଲେ। ଗୋଟିଏ ମାଟିଖୋଳା ମେଶିନ ସହ ୩ ହାଇୱା ଜବତ କରିଥିଲେ। ପରେ ତହସିଲଦାର ସୋଫି ସୈନିକା ଜବତ ଗାଡିଗୁଡ଼ିକରୁ ଏକଲକ୍ଷ ଟଙ୍କା ଜରିମାନା କରିଥିବା ଜଣାଯାଇଛି।

### ସ୍କୁଲ, ରାସ୍ତା ଉନ୍ନତୀକରଣ ଭୂମିପୂଜନ

ବଆଁରପାଳ,୭।୧(ଡି.ଏନ.ଏ.)- ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଆଁରପାଳ ବ୍ଲକରେ ବିଧାୟକ ରଜନୀକାନ୍ତ ସିଂହ ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ କରିଛନ୍ତି। ମୋ ସ୍କୁଲ ଅଭିଯାନ ଅଧୀନ ୪ଟି ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ସହିତ ଖମାର-ବଉଳିଗଡ଼ ରାସ୍ତାର ଉନ୍ନତୀକରଣର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବଆଁରପାଳ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ନାଥ, ଯୁବନେତା ଅରୁଣାଭ ସିଂହ, ସୁବାସ ପଟ୍ଟନାୟକ, ଜିଲା ପରିଷଦ ମଞ୍ଜୁଲତା ସାହୁ, ଶେଷଦେବ ବେହେରା, ନିର୍ମଳ ସାହୁ, ନିର୍ମଳ ଗଡ଼ନାଏକ, ସରପଞ୍ଚ ଉତ୍ସବ ଦେହୁରୀ, ବାଉରିବନ୍ଧୁ ସାହୁ, ପ୍ରସନ୍ନ ବିଶ୍ୱାଳ, ଶେଷଦେବ ଦେହୁରୀ, ବୀରେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଷ୍ଟ୍ରାକର ଭାଙ୍ଗିଲା, ୨ ଗୁରୁତର

ବଆଁରପାଳ,୭।୧(ଡି.ଏନ.ଏ.)- ଅନୁଗୋଳ ଜିଲା ନାଲ୍‌କୋ ସିପିପି ପ୍ଲାଣ୍ଟର ସିଏଚ୍‌ପି-୨ରେ ଥିବା ଏକ ଷ୍ଟାକର ଶୁକ୍ରବାର ସକାଳେ ଭାଙ୍ଗିଯିବାରୁ ୨ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ କ୍ୟାବିନରେ ବସିଥିବା କର୍ମଚାରୀ ବିମ୍ବାଧର ଦାସ ଓ ଠିକା ଶ୍ରମିକ ଛବି ମୋହନ ଭୋଳ। ଉଭୟଙ୍କୁ ପ୍ରଥମେ ନାଲ୍‌କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବିମ୍ବାଧରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୀର୍ଘଦିନ ହେଲା ମରାମତି କରାଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଶ୍ରମିକ ମହଲରେ ଆଲୋଚନା ହେଉଛି।

### ହାଇୱା ଧକ୍କାରେ ବାଇକ୍ ଚାଳକ ଗୁରୁତର

ପରଜଙ୍ଗ, ୭।୧(ଡି.ଏନ୍.ଏ.)-ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ହାତୀଲୁଚାଣି ଛକ ନିକଟ ୫୩ନଂ. ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ହାଇୱା (ନଂ. ଓଡ଼ି ୩୫ ବି ୫୭୮୫) ସମ୍ମୁଖ ପଟରୁ ଦ୍ରୁତ ଗତିରେ ଆସି ଓଭରଟେକ୍ କରିବାରୁ ଜଣେ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ହେଲେ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇକାଟେଣି ଗ୍ରାମର ଜିତେନ୍ଦ୍ର ସାହୁ (୩୪)। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ ପରଜଙ୍ଗ ମେଡିକାଲ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜିତେନ୍ଦ୍ର ଡିହଡୋଳ ଗ୍ରାମ ମଣ୍ଡିକୁ ଧାନ ନେଇ ଆସି ଘରକୁ ଫେରିବା ବେଳକୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ହାଇୱା ଛିଡ଼ା ହୋଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ୮ ବ୍ଲକରୁ ୪ଟିରେ ମହିଳା

## ଚୂଡ଼ାନ୍ତ ସଂରକ୍ଷଣ ତାଲିକା

ଅନୁଗୋଳ ଅଫିସ,୭।୧



ଅନୁଗୋଳ ଜିଲାର ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସମିତି ସଭ୍ୟ ଓ ସରପଞ୍ଚ ପଦବୀର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ଜିଲାର ମୋଟ୍ ୮ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ମଧ୍ୟରୁ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ସେହିପରି ଆଠମଲ୍ଲିକ, କଣିହାଁ ଓ ବଆଁରପାଳ ଅଣସଂରକ୍ଷିତ ଥିବାବେଳେ କିଶୋରନଗର ବ୍ଲକ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ପଦବୀ ମହିଳା, ତାଳଚେର ବ୍ଲକ ଅଧ୍ୟକ୍ଷ ପଦବୀ ମହିଳା ଏବଂ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

ସେହିପରି ଅନୁଗୋଳ ବ୍ଲକରେ ଥିବା ମୋଟ୍ ୩୪ଟି ପଞ୍ଚାୟତ ମଧ୍ୟରୁ ୨୭ଟି ସରପଞ୍ଚ ପଦବୀ ଅଣସଂରକ୍ଷିତ ରହିଛି। ସେଥିରୁ ୧୪ଟି ପୁରୁଷ ଓ ୧୩ଟି ମହିଳାଙ୍କ ପାଇଁ ରଖାଯାଇଛି। ଅନ୍ୟ ୭ଟି ମଧ୍ୟରୁ ଅନୁସୂଚିତ ଜାତି ପୁରୁଷଙ୍କ ପାଇଁ ୩ ଓ ମହିଳାଙ୍କ ପାଇଁ ୪ଟି ପଞ୍ଚାୟତ ସଂରକ୍ଷିତ ରହିଛି। ବଆଁରପାଳ ବ୍ଲକର ୩୫ ପଞ୍ଚାୟତ ମଧ୍ୟରୁ ୨୬ଟି ପଞ୍ଚାୟତ ଅଣସଂରକ୍ଷିତ ଓ ୯ଟି ପଞ୍ଚାୟତ ଅନୁସୂଚିତ ଜାତିଙ୍କ ପାଇଁ ରଖାଯାଇଛି। ଛେଣ୍ଡିପଦା ବ୍ଲକର ୩୪ ପଞ୍ଚାୟତ ମଧ୍ୟରୁ ୨୬ଟି ଅଣସଂରକ୍ଷିତ ଓ ଅନୁସୂଚିତ ଜାତିଙ୍କ ପାଇଁ ୮ଟି ପଞ୍ଚାୟତ ରଖାଯାଇଛି। ତାଳଚେର ବ୍ଲକର ୨୧ ପଞ୍ଚାୟତ ମଧ୍ୟରୁ ୧୫ଟି ଅଣସଂରକ୍ଷିତ ଓ ୬ଟି ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷିତ ରହିଛି। କଣିହାଁ ବ୍ଲକର ୨୭ ପଞ୍ଚାୟତ ମଧ୍ୟରୁ ୨୦ଟି ଅଣସଂରକ୍ଷିତ ଓ ୭ଟି ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ମଧ୍ୟରୁ ୨୦ଟି ଅଣସଂରକ୍ଷିତ ଓ ୪ଟି ଅନୁସୂଚିତ ଜାତି, କିଶୋରନଗର ବ୍ଲକର ୨୩ ପଞ୍ଚାୟତ ମଧ୍ୟରୁ ୧୯ଟି ଅଣସଂରକ୍ଷିତ ଓ ୪ଟି ଅନୁସୂଚିତ ଜାତି, ପାଲଲହଡ଼ା ବ୍ଲକର ୨୭ ପଞ୍ଚାୟତ ମଧ୍ୟରୁ ୨୩ଟି ଅଣସଂରକ୍ଷିତ ଓ ୪ଟି ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି ସମିତି ସଭ୍ୟମାନଙ୍କ ପାଇଁ ମଧ୍ୟ ସ୍ଥାନ ସଂରକ୍ଷଣ କରାଯାଇଛି।

# ବାଲିବୋରେ ମଣ୍ଡି ଆରମ୍ଭ



ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ସଦସ୍ୟା, ଚାଷୀ ଓ ଅନ୍ୟମାନେ।

ଭୁବନ, ୭।୧(ଡି.ଏନ୍.ଏ.)

ଭୁବନ ବ୍ଲକ ବାଲିବୋରେ ଶୁକ୍ରବାରଠାରୁ ଖରିଫ୍ ଧାନ ମଣ୍ଡି ଆରମ୍ଭ ହୋଇଛି। ସିଡିପିଓ ଦାୟିତ୍ୱରେ ଥିବା ସୁପରଭାଇଜର ନିର୍ମଳ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମଣ୍ଡିରେ ଧାନ ବିକ୍ରି କରିବାକୁ ୫୪୭ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ମୋଟ ୧୩ ହଜାର ୨୧୯ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସରସ୍ୱତୀ ରାଇସ୍ ମିଲ୍ ୨୦ ଚାଷୀଙ୍କଠାରୁ ୫୦୦ କୁଇଣ୍ଟାଲ ଧାନ କିଣିଥିଲା। ଦିବ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ କୁନିଲ ତ୍ରିପାଠୀ, ସମ୍ପାଦିକା ମଧୁସ୍ମିତା ତ୍ରିପାଠୀ, ଡାଟା ଏଣ୍ଟ୍ରି ଅପରେଟର ମାମୁନି ସାହୁ, ଗ୍ରାମ କୃଷି ଅଧିକାରୀ ଦିବ୍ୟକାନ୍ତ ରାଉତ, ନିର୍ବାହୀ ଅଧିକାରୀ କିରଣ ତରାଇ, ବରିଷ୍ଠ ଚାଷୀ ଦୁର୍ଯ୍ୟୋଧନ ଦାଶ, ଅରବିନ୍ଦ ମହାଲିକ, ପ୍ରଭାତ ଧୀର, ସହଦେବ ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟ ଗୃହ ଉଦ୍‌ଘାଟିତ

ପବିତ୍ରନଗର/ କଣିହାଁ,୭।୧(ଡି.ଏନ.ଏ.)

କଣିହାଁ ବ୍ଲକ ୧୦ ନମ୍ବର ଜୋନ୍‌ର କେତେକ ପଞ୍ଚାୟତରେ ଶୁକ୍ରବାର ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ପ୍ରଥମେ ଅର୍କିଲ-ଗେଙ୍ଗୁଟିଆ ରାସ୍ତା, ସିପୁର-ଶରଧାପୁର ରାସ୍ତା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ପବିତ୍ରନଗର ଲକ୍ଷ୍ମୀପୂଜା କମିଟି ଗୃହ, ମିଶନ ଶକ୍ତି ଗୃହ, ଝୁଲାଖୁଣ୍ଟିଆ ପ୍ରାଥମିକ ବିଦ୍ୟାଳୟ ଗୃହ, ବୀରୁ ମିଶନ ଶକ୍ତି ଗୃହ, ବୁଲାଖାର ପ୍ରାଥମିକ ବିଦ୍ୟାଳୟ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। କୋଠଘର, ବିରୁ କଲ୍ୟାଣ ମଣ୍ଡପ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ଯୁବ ବିଜେଡି ସଭାପତି ଗଗନ ରାଉତ, ସରପଞ୍ଚ ବଂଶୀଧର ସାହୁ, ପର୍ଶୁରାମ ବିଶ୍ୱାଳ, ଯୁଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଛେଳିଆବେଢ଼ା ଚାମ୍ପିୟନ

## କଣ୍ଟାବଣିଆ କପ୍ ଉଦ୍‌ଯାପିତ

ଢେଙ୍କାନାଳ ଅଫିସ, ୭।୧

ଢେଙ୍କାନାଳ ଜିଲା କଣ୍ଟାବଣିଆରେ ଚାଲିଥିବା କଣ୍ଟାବଣିଆ କ୍ରିକେଟ୍ କପ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ କଂଟାବଣିଆ ୱାନ ଷ୍ଟାର କ୍ରିକେଟ କ୍ଲବକୁ ୧୦ ଉଇକେଟରେ ହରାଇ ଅନୁଗୋଳ ଛେଳିଆବେଢା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। କଣ୍ଟାବଣିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୧୧୦ ରନ୍ କରିଥିଲା। ଛେଳିଆବେଢ଼ା ଦଳ ୬.୪ ଓଭରରେ ବିନା କୌଣସି ଉଇକେଟ ହରାଇ ୧୧୨ ରନ୍ କରି ବିଜୟୀ ହୋଇଥିଲା।ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମଙ୍ଗଳପୁର ସରପଞ୍ଚ ଅମରେଶ ରାଉତ, ସମ୍ମାନିତ ଅତିଥି କୁସୁପଙ୍ଗା ସମିତି ସଭ୍ୟ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଦଳ ଅଂଶଗ୍ରହଣ କରିଥିଲେ।



ଚାମ୍ପିୟନ ଛେଳିଆବେଢ଼ା ଦଳ।

# ଯନ୍ତ୍ରଣା ଭିତରେ ସାଧନା କରୁଥିଲେ ହରମୋହନ

## କବିଙ୍କ ୯୪ତମ ଜୟନ୍ତୀ ପାଳିତ

ଢେଙ୍କାନାଳ ଅଫିସ, ୭।୧

ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା କବି ହରମୋହନ ଦାଶଙ୍କ ଜୀବନ ଯନ୍ତ୍ରଣାମୟ ଥିଲା। ଦୁଃଖକଷ୍ଟ ମଧ୍ୟରେ ରହି ସେ ସାହିତ୍ୟ ସାଧନାରେ ବ୍ରତୀ ଥିଲେ ଏବଂ ସଙ୍ଗଠନ ପାଇଁ ନିରନ୍ତର କାର୍ଯ୍ୟ ଜାରି ରଖିଥିଲେ ବୋଲି କହିଛନ୍ତି ବରିଷ୍ଠ ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର। ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ପକ୍ଷରୁ ଦକ୍ଷିଣକାଳୀ ରୋଡସ୍ଥିତ ସରୋଜିନୀ ଧର୍ମଶାଳାରେ ଗୁରୁବାର ଆୟୋଜିତ କବି ହରମୋହନ ଦାଶଙ୍କ ୯୪ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏଭଳି ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ କବି ଇନ୍ଦ୍ରମଣି ନାୟକ ଯୋଗଦେଇ ହରମୋହନଙ୍କ ସରଳ ଏବଂ ଆଦର୍ଶ ଜୀବନର ସ୍ମୃତିଚାରଣ କରିଥିଲେ। ହରମୋହନଙ୍କ ବଡ଼ପୁଅ ପଦାରବିନ୍ଦ ଦାଶ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

ଉପଦେଷ୍ଟା ଦୀପକ ପ୍ରସାଦ ପଟ୍ଟନାୟକ, ଟଙ୍ଗଧର ବେହେରା, ଶିବସାଇ ମହାପାତ୍ର, ସୁଶୀଲ ନନ୍ଦ, ଦେବୀପ୍ରସନ୍ନ ପାଣି, ବୈକୁଣ୍ଠ ବିହାରୀ ସ୍ୱାଇଁ, ପ୍ରେମାନନ୍ଦ ରାଉତ, ବିବେକାନନ୍ଦ ଷଡ଼ଙ୍ଗୀ, ନଜରୁଲ ଇସଲାମ, କାଳିନ୍ଦୀ ଚରଣ ତ୍ରିପାଠୀ, ପ୍ରିୟବ୍ରତ ପରିଡା, ରାମଚନ୍ଦ୍ର ଦେବତା, ପତିତପାବନ ରାଉତ, ଦେବୀ ପ୍ରସାଦ ନାୟକ, ପ୍ରକାଶ ଚନ୍ଦ୍ର ରାଉତ, ରଶ୍ମିତା ରାଉତ, ନମିତା ମନୋହରୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଫୋରମ୍ ସଭାପତି ସୌମେନ୍ଦୁ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ, ଉପସଭାପତି ନିମାଇଁ ଚରଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ।

### ନିଯୁକ୍ତି, ପରାମର୍ଶ ଶିବିର

ଛେଣ୍ଡିପଦା,୭।୧ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ଓଡ଼ିଶା ଜୀବିକାମିଶନ ପକ୍ଷରୁ ଶୁକ୍ରବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ବ୍ଲକସ୍ତରୀୟ ନିଯୁକ୍ତି ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୀବିକାମିଶନର ବ୍ଲକ ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଜିଲା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୬ଟି ତାଲିମ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗଦେଇ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଦେବା ସହ ୨୪୫ ଜଣଙ୍କ ମଧ୍ୟରୁ ୧୬୨ ପ୍ରାର୍ଥୀଙ୍କୁ ଚୟନ କରିଥିଲେ। ବ୍ଲକ ସଂଯୋଜକ ପଞ୍ଚାନନ ସାହୁ, ସଂଯୋଜିକା ହିରଣ୍ମୟୀ ପ୍ରଧାନ ଓ ସଂଯୋଜକ ସଂଘ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୭ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୭।୧

ଅନୁଗୋଳ ଜିଲାରୁ ଶୁକ୍ରବାର ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୫୩୩ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳରୁ ୨ଜଣ ଓ କଣିହାଁ ବ୍ଲକ ଅଞ୍ଚଳରୁ ୫ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇଛି। ସେହିପରି ଜିଲାରେ ଦିନକରେ ୨ ହଜାର ୩୪୬ ଜଣ କିଶୋରୀ କିଶୋରଙ୍କୁ ଟିକା ଦିଆଯାଇଛି।

# ଜିଲା ଛାତ୍ର କଂଗ୍ରେସ କମିଟି ଘୋଷଣା

## କମଲପ୍ରୀତ୍ ସଦର ନିର୍ବାଚନମଣ୍ଡଳୀ ସଭାପତି

ଢେଙ୍କାନାଳ ଅଫିସ, ୭।୧

ଢେଙ୍କାନାଳ ଛାତ୍ର କଂଗ୍ରେସର ଜିଲା କମିଟି ଘୋଷଣା କରାଯାଇଛି। ଉପସଭାପତି ଭାବେ ଦୁର୍ଗାଦତ୍ତ ମିଶ୍ର, ସିଦ୍ଧାନ୍ତ ମିଶ୍ର, ଶାରଦା ମହାନ୍ତି, ଶୁଭଲକ୍ଷ୍ମୀ ରାଉତ, ଇନ୍ଦ୍ରଜିତ୍ ସିଂ, ନୀତୀଶ ବେହେରା, ଅଜିତ୍ ସାହୁ, ସାଧାରଣ ସମ୍ପାଦକ ଭାବେ ଡୋନେଶ ମହାପାତ୍ର, ରାହୁଲ୍ ସାହୁ, ସଂଗ୍ରାମ ସାହୁ, ରଜତ ନାୟକ, ବାସୁଦେବ ନାୟକ, ଅମ୍ରିତ୍ ନନ୍ଦ, ବିଦ୍ୟୁଷ୍ ଗୋଚ୍ଛାୟତ, ବିଜ୍ଞାସ୍ ପ୍ରଧାନ, ସୁଜିତ୍ ମଲ୍ଲିକ, ରୀତେଶ ଜେନା, ଦେବେନ୍ଦ୍ର ମହାନ୍ତି, ଋତୁରାଜ ପରିଡା, ରୋଶନ ମହାପାତ୍ର, ଦେବବ୍ରତ ସାହୁ, ଲୋକନାଥ ହେମ୍ବ୍ରମ୍, ଜିତେନ୍ଦ୍ର ସାମଲ,ଅମୂଲ୍ୟ ଚିନ୍ନାରାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ସମ୍ପାଦକ ଭାବେ ସୌମ୍ୟଜିତ୍ ମଲ୍ଲିକ, କାହ୍ନୁଚରଣ ବସନ୍ତରା, ଶୁଭମ୍ ବାରିକ୍, ସୌମ୍ୟରଞ୍ଜନ ସିଂ, ସୂର୍ଯ୍ୟନାରାୟଣ ସେନାପତି, ସାଗର ବେହେରା, ସୌମ୍ୟରଞ୍ଜନ ପରିଡ଼ା, ଆକାଶ ବେହେରା, ଦେବାଶିଷ ସାହୁ, ସାଜିଦ୍ ବେଗ୍, ଆଶୁତୋଷ ମହାପାତ୍ର, କରନ୍ ପ୍ରତାପ ସିଂ, କାଳିଆ ଦାସ, ଅଭିଜିତ୍ ମହାପାତ୍ର, ସତ୍ୟଜିତ୍ ନାୟକ, ମନୋରଞ୍ଜନ ଧଳ, ପ୍ରତାପ ମହାନ୍ତି, ପ୍ରତ୍ୟୁଷ ପରିଡା, ସୌମେନ୍ଦ୍ର ନାରାୟଣ, ସତ୍ୟଜିତ୍ ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ତନ୍ମୟ କୁମାର ପ୍ରଧାନ, ସୁଜିତ୍ କୁମାର ନାୟକ, ପ୍ରଜ୍ଞାବ୍ରତ ପରିଡା, ଜ୍ୟୋତିରଞ୍ଜନ ବାରିକ୍, ଶ୍ୱାତୀପ୍ରିୟା ସ୍ୱାଇଁ, ସେଲିମ୍ ବେହେରା, ପ୍ରିୟଙ୍କା ମଲ୍ଲିକ, ସରୋଜ ପଣ୍ଡା, ପ୍ରକାଶ ନାୟକ, ମନୋଜ ସାମଲ, ଦିଲୀପ ସାସ୍ମଲ୍, ବିମଳ ନାୟକ ଓ ପ୍ରତାପ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ସଦର ନିର୍ବାଚନମଣ୍ଡଳୀ ସଭାପତି ଭାବେ କମଲ୍‌ପ୍ରୀତ୍ ସିଂ, କାମାକ୍ଷାନଗର ପାଇଁ ଏ.ପି.ଜେ ଅଞ୍ଜଳି, ହିନ୍ଦୋଳ ପାଇଁ ସାରସ୍ୱତ ମିଶ୍ର, ପରଜଙ୍ଗ ପାଇଁ ସୌମ୍ୟରଞ୍ଜନ ସେଠ୍, ମିଡିଆ ସେଲ୍ ଇନ୍‌ଚାର୍ଜ ଭାବେ ସୋହେଲ୍ ଆକ୍ରମ୍ ଏବଂ ଶୁଚିସ୍ମିତା ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜାତୀୟ ଛାତ୍ର କଂଗ୍ରେସ ସଭାପତି ନିରଜ କୁନ୍ଦନ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ୍ ୟାସିର୍ ନୱାଜଙ୍କ ଅନୁମୋଦନ କ୍ରମେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିବା ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶ ସୂଚନା ଦେଇଛନ୍ତି।

# ଏସ୍‌ଏଚ୍‌ଜି ଦ୍ୱାରା ଧାନ ସଂଗ୍ରହ




ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟାମାନେ।

ଅନୁଗୋଳ ଅଫିସ/ ଛେଣ୍ଡିପଦା,୭।୧

ଅନୁଗୋଳ ମୂଷାପାପୁଲି ଗ୍ରାମର ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ରନ୍ତଲେଇ ପଞ୍ଚାୟତ ପାଇଁ ଧାନ ସଂଗ୍ରହ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ଗୋଟିଏ ଦିନରେ ଏସ୍‌ଏଚ୍‌ଜି ପକ୍ଷରୁ ୫୭୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇ ମିଲ୍‌କୁ ବିକ୍ରି କରାଯାଇଛି। ସେହିପରି ଛେଣ୍ଡିପଦା ବ୍ଲକ ଅଫିସ ପରିସରରେ ମିଶନ ଶକ୍ତି ମହାସଂଘ ଦ୍ୱାରା ଏକ କାଫେ ଉଦ୍‌ଘାଟିତ ହୋଇଛି। ବିଧାୟକ ସୁଶାନ୍ତ କୁମାର ବେହେରା ଏହାକୁ ଉଦ୍‌ଘାଟନ କରି ସୁଲଭ ମୂଲ୍ୟରେ ଉତ୍ତମମାନର ଖାଦ୍ୟ ଏଠାରେ ଯୋଗାଇ ଦିଆଯିବ ବୋଲି କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ମିଶନ ଶକ୍ତି ଡିପିସି ବସନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

ଛେଣ୍ଡିପଦା/ ଅନୁଗୋଳ ଅଫିସ,୭।୧

ଓବିସିଙ୍କ ସଂରକ୍ଷଣ ଦାବି ନେଇ ଶୁକ୍ରବାର ଭାଜପା ପକ୍ଷରୁ ଛେଣ୍ଡିପଦା, ଅନୁଗୋଳ ଓ ବଆଁରପାଳ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛେଣ୍ଡିପଦାଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ଶୋଭାଯାତ୍ରାରେ ଦେବଗଡ ଛକ ନିକଟରୁ ବାହାରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଆକାଉଣ୍ଟାଣ୍ଟ ପରମାନନ୍ଦ ପାତ୍ରଙ୍କୁ ପ୍ରଦାନ କରିଥିଲେ। ଜିଲା ଭାଜପା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ଜିଲା ଓବିସି ସେଲ୍ ସାଧାରଣ ସମ୍ପାଦକ ଯଶୋବନ୍ତ ପ୍ରସାଦ ବେହେରା, ସୁଧାକର ବେହେରା, ଅକ୍ଷୟପାଦ ବେହେରା, ଭୀଷ୍ମ ପ୍ରଧାନ, ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅନୁଗୋଳ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭରେ ଜିଲା ଓବିସି ମୋର୍ଚ୍ଚା ସଭାପତି ସରୋଜ କୁମାର ଜେନା, ସାଧାରଣ ସମ୍ପାଦକ ଲକ୍ଷଣ କୁମାର ସାହୁ, ହରେକୃଷ୍ଣ ପ୍ରଧାନ, ଲୋଚନ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବନରପାଳ ବ୍ଲକ ସମ୍ମୁଖରେ ଅଖିଳ ସାମଲ, ବିକାଶ ସାହୁ, କିଟୁ ପଣ୍ଡା, ସାଗର ବିଶ୍ୱାଳ, ପ୍ରିୟବ୍ରତ ସାହୁ, ପ୍ରକାଶ ସିଂହ, ମଧୁସୂଦନ ପ୍ରଧାନ, ଦୟନୀୟ ସାମଲ, ଅଜିତ ବିଶ୍ୱାଳ, ଦେବେନ୍ଦ୍ର ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ସେତୁ ନିର୍ମାଣ ଭୂମିପୂଜା

ବଇଣ୍ଡା,୭।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଶୁକ୍ରବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଦ୍ୱାରା ଉଦ୍‌ଘାଟନ ଓ ଭୂମିପୂଜା କାର୍ଯ୍ୟ ସମ୍ପାଦିତ ହୋଇଛି। ବିଧାୟକ ପ୍ରଥମେ କଦଳୀମୁଣ୍ଡା ପଞ୍ଚାୟତ ବଣିଆଦୋହଲି ଗ୍ରାମ କୋଠଘର ଉଦ୍‌ଘାଟନ କରିଥିଲେ। ପରେ କୁସୁଣୀ ଆଶ୍ରମ ବିଦ୍ୟାଳୟ ରୂପାନ୍ତରୀକରଣ ଗୃହ, ମିଶନ ଶକ୍ତି ଗୃହ, କଂସାରୀ କୁଦ କୋଠଘର, ଓସ୍କାପାଲି ମିଶନ ଶକ୍ତି ଗୃହ, ଓସ୍କାପାଲି ପଞ୍ଚାୟତର ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଗଡଗଡବାହାଳ – କଟପାଲି ପୋଲ ନିର୍ମାଣ ପାଇଁ ଭୂମି ପୂଜା, ଡାଲମରା ସେତୁ ନିର୍ମାଣ ପାଇଁ ଭୂମିପୂଜା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବିଡିଓ ଡ. ସ୍ୱରୂପାନନ୍ଦ ସାହୁ ଜେନାମଣି ପ୍ରଧାନ, ଓସ୍କାପାଲି ସରପଞ୍ଚ ସୁଷମା ମିର୍ଦ୍ଧା, କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



କୋଠଘର ଉଦ୍‌ଘାଟନ ଅବସରରେ ବିଧାୟକ ଓ ଅନ୍ୟମାନେ।

# ଷ୍ଟିଙ୍ଗ୍ ଅପରେଶନ ଉପରେ ଗୁରୁତ୍ୱ




ସଚେତନତା ଷ୍ଟାଣ୍ଡି ଉନ୍ମୋଚନ ଅବସରରେ ଜିଲାପାଳଙ୍କ ସମେତ ଅଧିକାରୀମାନେ।

ଅନୁଗୋଳ ଅଫିସ,୭।୧

ଅନୁଗୋଳ ଜିଲାରେ ଚାଲୁଥିବା ୧୭ଟି ଅଲଟ୍ରାସାଉଣ୍ଡ କ୍ଲିନିକରେ ପି.ସି. ଆଣ୍ଡ ପି.ଏନ.ଡି.ଟି. ଆଇନର ଠିକ୍ କାର୍ଯ୍ୟକାରିତାକୁ ନେଇ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ କନ୍ୟା ସଂଖ୍ୟା ବଢ଼ାଇବା ନିମନ୍ତେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଜିଲାରେ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଶେଷକରି ଚିହ୍ନଟ ୩୯ଟି ରେଡ୍ ଜୋନ୍ (ଶିଶୁକନ୍ୟା ଅନୁପାତ କମ୍ ଥିବା ସ୍ଥାନ) ଅଞ୍ଚଳରେ ଗଠନମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ପ୍ରଥମ ଥର ପାଇଁ ୧୪୮୦ଟି କନ୍ୟା ସନ୍ତାନ ସଚେତନତା ଷ୍ଟାଣ୍ଡିକୁ ବିଭିନ୍ନ ସ୍ୱାସ୍ଥ୍ୟ ଅନୁକେନ୍ଦ୍ରରେ ସ୍ଥାପନ କରାଯିବ। ଏହାକୁ ଜିଲାପାଳ ଉନ୍ମୋଚନ କରିଥିଲେ। ସେହିପରି ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡିକରେ ଷ୍ଟିଙ୍ଗ୍ ଅପରେଶନ ମାଧ୍ୟମରେ ଅତର୍କିତ ଚଢ଼ାଉ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ପର୍ଶୁରାମ ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ କୁମାର ପଟ୍ଟନାୟକ, ସୁକାନ୍ତି ଦାସ, ମନୋଜ ମହାପାତ୍ର, ଜ୍ୟୋତିର୍ମୟୀ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

